ପ୍ରେସ୍ ନୋଟ୍

## ମହାନଦୀ କୋଲ ଫିଲଡ୍ ଲିଃର ଦ୍ୱାଦଶତମ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି (ଆର. ପି .ଡି. ଏ. ସି) ବୈଠକ ଅନୁଷ୍ଠିତ

ଅନୁଗୋଳ ୩୧.୦୮ :- ଏମ୍ .ସି .ଏଲର ଅନୁଗୋଳ ସ୍ଥିତ ବିଭିନ୍ନ ଖଣି ପାଇଁ ଆଜି ପୂର୍ବାହ୍ଣରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତଥା ଆର .ପି .ଡି .ଏ.ସି ଅଧ୍ୟକ୍ଷ ଶ୍ରୀ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଦ୍ୱାଦଶତମ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଢେଙ୍କାନାଳ ଲୋକସଭା ସାଂସଦ ଶ୍ରୀ ମହେଶ ସାହୁ, ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଷାନ, ଉତ୍ତର କେନ୍ଦ୍ରାଞ୍ଚଳ ଡି.ଆଇ. ଜି ଡ.ସାର୍ଥକ ଷଡଙ୍ଗୀ, ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା, ଏମ୍.ସି.ଏଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଭାତ କୁମାର ସିହ୍ନା, ସମ୍ବଲପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ଶ୍ରୀ ଅଗସ୍ତି ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିସ୍ଥାପିତ ପରିବାର ଗୁଡିକର ଥଇଥାନକୁ ଦୃଷ୍ଟିରେ ରଖି ଆର.ପି .ଡି .ଏ .ସି ଗଠନ କରାଯାଇଛି । ଏହା ମାଧ୍ୟମରେ ଉଭୟ ଏମ୍ .ସି .ଏଲ୍ ,ଜିଲ୍ଲା ପ୍ରଶାସନ ଓ ଲୋକ ପ୍ରତିନିଧିମାନେ ମିଳିତ ଭାବେ ଆନ୍ତରିକତାର ସହିତ ବିଭିନ୍ନ ସମସ୍ୟାକୁ ଆଲୋଚନା ଦ୍ୱାରା ସମାଧାନ କଲେ ବିସ୍ଥାପିତ ପରିବାର ଗୁଡିକ ଉପକୃତ ହେବା ସହ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିବ ବୋଲି ରାଜସ୍ୱ କମିଶନର ପ୍ରକାଶ କରିଥିଲେ । ବୈଠକରେ ବହୁଦିନର ପୁରାତନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରତି ବିସ୍ଥାପିତ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଯୋଗାଇ ଦିଆଯିବ । ପ୍ରଥମ କିସ୍ତିରେ ସେମାନଂକୁ ୫ ଲକ୍ଷ ଓ ଗାଁ ଛାଡିଲେ ଅବଶିଷ୍ଟ ୫ ଲକ୍ଷ ଦିଆଯିବ । କୋଇଲା ଉତ୍ତୋଳନ ପରେ ଖାଲି ରହୁଥିବା ସ୍ଥାନକୁ ବାଲି ପକାଇ ଏମ୍ ସି ଏଲ୍ ପୋତିବ ଓ ପ୍ରତି ଏକ ମାସରେ ଏହାର ରିପୋର୍ଟ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିବ । ପୂର୍ବ ଆର ପି ଡି ଏ ସି ଗୁ ଡିକରେ ଯେଉଁ ସବୁ ନିଷ୍ପତ୍ତି ନିଆଯାଇଥିଲା କାର୍ଯ୍ୟକାରୀ କରିବାରେ ବିଳମ୍ବ ଯୋଗୁଁ ରାଜସ୍ୱ କମିଶନର ଅସନ୍ତୋଷ ପ୍ରକାଶ କରିଥିଲେ । ତୁରନ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଉଭୟ କମ୍ପାନୀ,ଲୋକ ପ୍ରତିନିଧି ଓ ସ୍ଥାନୀୟ ବିସ୍ଥାପିତ



ପରିବାରକୁ ନେଇ ଏକ  କମିଟି ଗଠନ କରି ଆସନ୍ତା ୪ ମାସ ମଧ୍ୟରେ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବେ ।  ବଲଣ୍ଡା, କୋଚିଆନାଳୀ, ଜାମୁନାଳୀ, ବଉଲପୁର ଓ ପଥରମୁଣ୍ଡାରେ ପ୍ରତିଷ୍ଠା ହୋଇଥିବା   ପୁନଃର୍ବାସ ଓ ଥଇଥାନ କଲୋନୀରେ ଆନୁସଂଗୀକ ସୁବିଧା ତୁରନ୍ତ ଯୋଗାଇ ଦେଇ ସେଠାକୁ ବିସ୍ଥାପିତମାନଂକୁ ସ୍ଥାନାନ୍ତର କରିବାକୁ  ପରାମର୍ଶ ଦିଆଯାଇଛି । ସି ଏସ୍ ଆର କାର୍ଯ୍ୟକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରିବାକୁ ରାଜସ୍ୱ କମିଶନର ପରାମର୍ଶ ଦେଇଛନ୍ତି  ।  ବାହ୍ମଣୀ କୋଲ ଫିଲ୍ଡକୁ  ତାଳଚେରକୁ ସ୍ଥାନାନ୍ତର କରି ଏକ କାର୍ଯ୍ୟାଳୟ ସ୍ଥାପନ କରିବାକୁ ପରାମର୍ଶ ଦିଆଯାଇଛି ।  ହେଁସମୁଳର ବିସ୍ଥାପିତ ପରିବାରମାନଂକୁ ତୁରନ୍ତ ବଲଣ୍ଡା ଥଇଥାନ ଓ ପୁନଃର୍ବାସ  କଲୋନୀକୁ  ସ୍ଥାନାନ୍ତର   କରିବାକୁ ରାଜସ୍ୱ କମିଶନର ପରାମର୍ଶ ଦେଇଛନ୍ତି ।   ବିଭିନ୍ନ ଗ୍ରାମର ବିସ୍ଥାପିତ ପରିବାରର ନିଯୁକ୍ତି ଓ ଥଇଥାନକୁ ନେଇ ଲୋକ ପ୍ରତିନିଧିମାନେ ଗୁରୁତ୍ୱାରୋପ କରିଥିଲେ ।

ପ୍ରାରମ୍ଭରେ  ଜିଲ୍ଲାପାଳ  ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଏମ୍ ସି ଏଲ୍ ଜମି ଅଧିଗ୍ରହଣ ଓ ବିସ୍ଥାପିତ ପରିବାରଗୁଡିକର ସଠିକ୍ ସମନ୍ୱୟରେ ଥଇଥାନ ଉପରେ ଗୁରୁତ୍ୱାରୋପ କରିଥିଲେ ।  ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ,  ତାଳଚେର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ  ସ୍ୱାଇଁ , ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ତାଳଚେର ଉପଜିଲ୍ଲାପାଳ ଶ୍ରୀ ବିଶ୍ୱ ରଞ୍ଜନ ରଥ, ଏମ୍ ସି ଏଲ୍ ଭୂ ଅର୍ଜନ ଅଧିକାରୀ ଶ୍ରୀ ରତନ ଆଚାର୍ଯ୍ୟଙ୍କ  ସମେତ ତାଳଚେର,କଣିହାଁ ଓ ଛେଣ୍ଡିପଦାର ପଂଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷା,ସ୍ୱେଚ୍ଛାସେବୀ,ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିସ୍ଥାପିତ ପରିବାରର ପ୍ରତିନିଧି ,ବିଭିନ୍ନ ବିଭାଗର ଅଧିକାରୀ ଓ ଏମ ସି ଏଲ୍ର ବିଭିନ୍ନ ଖଣି ଅଂଚଳର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।